# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୫୩ (ଓଡ଼ିଆ ବୁଲେଟିନ) ସପ୍ତାହ - ୨୭ ତାରିଖ: ୦୪.୦୭.୨୦୨୫

## ଜିଲ୍ଲା – ଝାରସୁଗୁଡ଼ା

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୮.୦୬.୨୦୨୫ ରୁ ୦୪.୦୭.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୦୪ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୦୪ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୦୪ |
| ଝାରସୁଗୁଡ଼ା | 30 | 29 | 28 | 30 | 30 | 29 | 28 | 24 | 24 | 24 | 24 | 25 | 24 | 25 | | | | | | | |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୫-୦୭-୨୦୨୫ | ୦୬-୦୭-୨୦୨୫ | ୦୭-୦୭-୨୦୨୫ | ୦୮-୦୭-୨୦୨୫ | ୦୯-୦୭-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | | | | | |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 31 | 32 | 33 | 34 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 26 | 26 | 26 | 26 |
| ମେଘ ଆବରଣ (ଓକଟା) | 7 | 8 | 8 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 93 | 93 | 93 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 76 | 77 | 80 | 81 | 80 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 14 | 16 | 16 | 14 | 15 |
| ପବନର ଦିଗ (ଡିଗ୍ରୀ) | 233 | 253 | 258 | 234 | 214 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୦୨୧୧ ୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର , ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘାଚ୍ଛନ୍ନରୁ ସମ୍ପୂର୍ଣ୍ଣ ମେଘାଚ୍ଛନ୍ନ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ କିନ୍ତୁ ଆଗକୁ ଦୁଇ ରୁ ତିନି ଦିନ ପରେ ସର୍ବାଧିକ ତାପମାତ୍ରାରେସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ। ଆଗାମୀ ପାଞ୍ଚ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୧୪ ରୁ ୧୬ କି.ମି. ପ୍ରତି ଘଣ୍ଟା ବେଗରେ ପଶ୍ଚିମ-ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ।

### ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର , ଭୁବନେଶ୍ୱରରଜିଲ୍ଲା ସ୍ତରୀୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ,ଆଗାମୀ ସପ୍ତାହରେ ହାଲୁକାରୁ ମଧ୍ୟମ ବର୍ଷା ସହିତ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭା ବନା ରହିଛି, ତେଣୁ ଚାଷୀମାନଙ୍କୁ କୃଷି କାର୍ଯ୍ୟ ଯଥା ବୁଣା , ରୋପଣ, ସିଞ୍ଚନ ଇତ୍ୟାଦି କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଅଛି।
- ପାଣିପାଗର ପ୍ରଚଳିତ ସ୍ଥିତି (ମେଘୁଆ ପାଗ ସହିତ ଅଧିକ ଆର୍ଦ୍ରତା ) ଫଳ ଓ ପନିପରିବା ଫସଲ ରେ ମୂଳ ପଚା, ଝାଉଳା, ଫଳ ପଚା, କାଣ୍ଡ ପଚା

ଇତ୍ୟାଦି ବିଭିନ୍ନ ରୋଗ ସହିତ ଶୋଷକ କୀଟମାନଙ୍କ ସଂଖ୍ୟାରେ ବୃଦ୍ଧି ଦେଖାଯିବାର ମଧ୍ୟ ସମ୍ଭାବନା ବନିପାରେ,ତେଣୁ ଚାଷୀମାନଙ୍କୁ ଏହି ରୋଗଗୁଡ଼ିକର ଆକ୍ରମଣ ପ୍ରତି ନିଜ ଫସଲର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି।

## ସଂକ୍ଷିପ୍ତ ଉପଦେଶ

- ଅତ୍ୟଧିକ ବର୍ଷା ପରେ ପରେ ପାଳିତ ପଶୁ ପକ୍ଷୀମାନଙ୍କ କ୍ଷେତ୍ରରେ ସାଧାରଣତଃ ଡାଇରିଆ ଏବଂ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ତେଣୁ ଚାଷୀମାନଙ୍କୁ ସେମାନଙ୍କ ପାଳିତ ପଶୁ ପକ୍ଷୀମାନଙ୍କ ଉପରେ ନିୟମିତ ଧ୍ୟାନ ରଖିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ଜମି ପ୍ରସ୍ତୁତି / ନର୍ସରୀ ପ୍ରସ୍ତୁତି | • ପ୍ରଚଳିତ ବର୍ଷାର ସ୍ଥିତିକୁ ବିଚାରକୁ ନେଇ , ଚାଷୀମାନଙ୍କୁ ଖରିଫ ଧାନ ଫସଲର ନର୍ସରୀ ବୁଣା ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି।<br>• ଓଦା ତଳି ଘେରା ପାଇଁ , ପୂର୍ବ-ଅଙ୍କୁରିତ ବିହନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ କାଦୁଅହୋଇଥିବା ସମତଳ ମାଟିରେ ଛାଟି ଦିଆଯାଏ। ପାଣିକୁ ସଠିକ୍ ଭାବରେ ନିଷ୍କାସନ କରିବା ପାଇଁ ଡ୍ରେନେଜ୍ କେନାଲ ନିର୍ମାଣ କରାଯିବା ଆବଶ୍ୟକ।<br>• ଗୋଟେ ଏକର ଜମିରେ ରୋପଣ ପାଇଁ ପ୍ରାୟ ୩୨୦ ବର୍ଗମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ତଳି ଘରା ଆବଶ୍ୟକ ହୋଇଥାଏ।୧୦ସେମି ଉଚ୍ଚ , ୧.୨ ରୁ ୧.୫ ମିଟର ଚଉଡା ଏବଂ ସୁବିଧାଜନକ ଲମ୍ବ ବିଶିଷ୍ଟ ଓଦା ନର୍ସରୀ ପ୍ରସ୍ତୁତ କରନ୍ତୁ। ଦୁଇଟି ବେଡ୍ ମଧ୍ୟରେ ୩୦ ରୁ ୪୫ ସେମି ଚଉଡାର ଭଲ ଭାବରେ ଜଳସେଚନ/ନିଷ୍କାସନ ପଥ ରଖିବା ଆବଶ୍ୟକ।<br>• ନର୍ସରୀ ବୁଣା ପାଇଁ ଭଲ ଅମଳ ଦେଉଥିବା କିସମ ପାଇଁ ଏକର ପ୍ରତି୧୨-୧୬ କିଲୋଗ୍ରାମ ବିହନ ଏବଂ ହାଇବ୍ରିଡ୍ପାଇଁ ୫-୬ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । ପ୍ରତି ୧୦୦ ବର୍ଗ ମିଟର ନର୍ସରୀ ପାଇଁ କମ୍ ଉର୍ବର ଜମିରେ ଜମି ପ୍ରସ୍ତୁତି ସମୟରେ ଓଦା ନର୍ସରୀରେ ନାଇଟ୍ରୋଜେନ୍, ଫସଫରସ୍ ଏବଂ ପଟାସ ସାର ଯଥାକ୍ରମେ୦.୫-୧.୦ କିଲୋଗ୍ରାମ, ୦.୫ କିଲୋଗ୍ରାମ ଓ ୦.୫ କିଲୋଗ୍ରାମ ପ୍ରୟୋଗ କରନ୍ତୁ। |
| ମକା | ବୁଣିବା ଅବସ୍ଥା | • ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି , ଚାଷୀମାନଙ୍କୁ ମକା ବିହନ ବୁଣିବା ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି । ଚାଷୀମାନେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବା ପରେ ମକା ବିହନ ବୁଣିବା ଆରମ୍ଭ କରିବା ଉଚିତ । ଯଦି ଆବଶ୍ୟକ ପଡ଼େ, ଯେଉଁଠି ଅଧିକ ବର୍ଷା ଯୋଗୁଁ ବିହନ ଧୋଇ ହୋଇଯାଇଛି କିମ୍ବା ଅଂକୁରଣ ହୋଇ ନାହିଁ ସେଠି ପୁଣିଥରେ ବିହନ ବୁଣନ୍ତୁ ।<br>• ମକା ଖେତରେ ଘାସ ନିୟନ୍ତ୍ରଣପାଇଁ, ଚାଷୀମାନେ ବୁଣିବାର ୩ଦିନ ମଧ୍ୟରେ ପର୍ଯ୍ୟାପ୍ତ ମାଟି ଆର୍ଦ୍ରତାରେ ପ୍ରତି ଏକର ପିଛା୨୦୦ଲିଟର ପାଣିରେ ୫୦୦ ରୁ ୮୦୦ଗ୍ରାମ ଆଟ୍ରାଜିନ୍ ୫୦ % ଡବ୍ଲୁ.ପି. କୁ ଭଲଭାବରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ । ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରନ୍ତୁ । |
| ହରଡ଼ | ବୁଣିବା ଅବସ୍ଥା | • ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ , ଫସଲ ବୁଣିବା ପୂର୍ବରୁ ଯେ କୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍କଲଚର @ ୨୦ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମାଭିରିଡେ ୫ରୁ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛିଘଣ୍ଟା ପୂର୍ବରୁ ବିଶୋଧନ କରାଯିବା ଉଚିତ।<br>• ଘାସ ପରିଚାଳନା: ବୁଣିବାର ୭୨ ଘଣ୍ଟା ମଧ୍ୟରେ ୧ ଲିଟର ପେଣ୍ଡିମିଥାଲିନ୍ ୩୦% ଇସି କୁ ପ୍ରତି ଏକର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>• ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି , ଚାଷୀମାନେ ବିହନ ବୁଣା ତଥାସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ। |
| ଚିନାବାଦାମ | ବୁଣିବା ଅବସ୍ଥା | • ଚାଷୀମାନେ ଚିନାବାଦାମ ଫସଲରେ ବୁଣା କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଯାହା ବିହନ ଅଙ୍କୁରକୁ ପ୍ରଭାବିତ କରିପାରେ। |
| ଫଳ ଓ ପନିପରିବାଚାଷ | ନର୍ସରୀବୁଣା/ ଚାରା/ ରୋପଣ | • ଫଳ ଏବଂ ପନିପରିବା ଫସଲରେ ଅତିରିକ୍ତ ଜଳର ନିଷ୍କାସନ ପରେ ବିହନବୁଣା ଏବଂ ଚାରାରୋପଣ କାର୍ଯ୍ୟ କରାଯିବା ଉଚିତ ଏବଂ ନର୍ସରୀ ବେଡ (ତଳି ଘେରା) ରେ ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।<br>• ପ୍ରଚଳିତ ପାଗ ଯୋଗୁଁ ବିଭିନ୍ନ ପ୍ରକାର ରୋଗର ସଂକ୍ରମଣ ବଢିବାର ଦେଖାଯାଇ ପାରେ ତେଣୁ ଏହା ପ୍ରତି ନଜର ରଖିବା |

| | | |
|---|---|---|
| | | ପାଇଁ ପରାମର୍ଶ ଦିଆଯାଇଅଛି।<br>• ଉଦ୍ୟାନ ଫସଲ ଏବଂ ପନିପରିବା ଗୁଡ଼ିକୁ ଅଧିକ ପବନ ର ଗତିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ। |
| ଗୋରୁ ଗାଈ ଓ ମଇଷି | • ପୂର୍ବ ଦିନଗୁଡିକରେ ହୋଇଥିବା ଭାରି ବର୍ଷା ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହିରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣରୁ ଦୂରରେ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ। ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବାପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । | |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷା ଦିନେ ସାଧାରଣତଃ ଶ୍ବାସଜନିତ ରୋଗ, ଝାଡାରୋଗଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ବର୍ଷା ଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର ।<br>• କୁକୁଡ଼ା ଘରକୁବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ ଯେପରିକି କୁକୁଡ଼ା ସେଡର ଉପର ପାର୍ଶ୍ୱରେ ୧ ରୁ ୨ ଫୁଟ୍ ଖୋଲା ରଖନ୍ତୁଏବଂ ସେଡର ପାର୍ଶ୍ୱ କାନ୍ଥଗୁଡିକ ପଲିଥିନ ପରଦା ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କିଟ ମାନଙ୍କ ଆକ୍ରମଣରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ବଚ୍ଛ ଓ ସୁଖା ରଖନ୍ତୁଏବଂ ବର୍ଷା ଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶକୁ ନ କରିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ। | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ ,**OUAT KALINGA**ପ୍ରଡକ୍ଟସ (ବିହନ , ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ , ଫଳ ଓ ପନିପରିବା , ମୂଲ୍ୟଯୁକ୍ତ ଉତ୍ପାଦ , ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ(https://play.gooogle.com/store/apps/details?id=com.aas.meghdoot)ତଥାନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini)ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।